# Sample Question Paper - 2022-23

## CLASS - XII

## ODIA (113)

Time - 3 hrs Max Marks - 80

**General Instructions :**

1. The Question Paper contains 2 Parts- Part-I, Part-II & 4 Sections - M.C.Q, Reading, Writing & Literature.
2. Please check that this Question Paper Contains 14 questions.
3. Please check that this Question Paper contains 11 Printed pages.
4. ➢Part-I contains 7 M.C.Q. questions in section A. Attempt the questions based on the specific instructions given in each question.
   ➢Part-II contains 7 descriptive questions in 3 sections. Attempt any 5 questions from Q.No.-8 in section B; 1 each from Q.No.-9 & 10 in section C; 1 each from Q.No. - 11 & 13, 2 each from Q.No.-12 & 14 from section D.
5. Please write down the serial number of the question in the answer-book before attempting it.
6. 15 minutes time has been allotted to read this Question Paper. The Question Paper will be distributed at 10.15 am. From 10.15 a.m to 10.30 a.m, the students will read the Question Paper only and will not write any answer on the answer book during this period.

## Part-I

### SECTION - A

8x1=8

**1.** **ପ୍ରବନ୍ଧ ବିଭାଗରୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନ ଗୁଡିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେ କୌଣସି ୮ଟିର)**

**i.** **ଅନନ୍ତ ପ୍ରକୃତି ସାଙ୍ଗରେ କାହାର ନିତ୍ୟ ଯୋଗ ହୋଇଥାଏ ?** (1)

(a) ମନୁଷ୍ୟ
(b) ଈଶ୍ୱର
(c) ପଶୁ
(d) ପକ୍ଷୀ

**ii.** **ବନବାସୀ ନାରୀମାନଙ୍କର ଗତିକୁ ପ୍ରାବନ୍ଧିକ କାହା ସହିତ ତୁଳନା କରିଛନ୍ତି ?** (1)

(a) କୁଜୀ ହଂସୀ
(b) ମାତଙ୍ଗିନୀ
(c) ନିର୍ଝରିଣୀ
(d) ହରିଣୀ

**iii.** ଶାସନ ପଦ୍ଧତି ଗୁଡିକ ମଧ୍ୟରେ କେଉଁ ଶାସନ ସର୍ବୋତ୍କୃଷ୍ଟ ? (1)

(a) ଏକଛତ୍ରବାଦ

(b) ଗଣତନ୍ତ୍ର

(c) ରାଜତନ୍ତ୍ର

(d) ସାମ୍ୟବାଦ

**iv.** ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ? (1)

(a) ଇତିହାସ

(b) ପୁରାଣ

(c) ବିଜ୍ଞାନ

(d) ଦର୍ଶନ

**v.** ବ୍ୟକ୍ତିଠାରୁ କିଏ ବଡ଼ ବୋଲି ଲେଖକ ଘନଙ୍କୁ ପ୍ରଶ୍ନ କରିଛନ୍ତି ? (1)

(a) ଗୋଷ୍ଠୀ

(b) ମଣିଷ

(c) ପଶୁ

(d) ପକ୍ଷୀ

**vi.** କେଉଁ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନପାରେ ?

(a) ସମଷ୍ଟିଗତ (1)

(b) ବ୍ୟକ୍ତିଗତ

(c) ଗଣତନ୍ତ୍ର

(d) ସ୍ୱାଧୀନ

**vii.** ବ୍ୟକ୍ତିଗତ ଜୀବନ ଇତିହାସକୁ ଆମେମାନେ କେଉଁ ଆଖ୍ୟା ପ୍ରଦାନ କରିଥାଉ ? (1)

(a) ଆତ୍ମଜୀବନୀ

(b) ଜୀବନ ଚରିତ

(c) ଆତ୍ମଲିପି

(d) ଜୀବନାୟନ

**viii.** ସମ୍ବଲପୁର ଅଞ୍ଚଳର ବଧୂମାନଙ୍କୁ କେଉଁ ଫୁଲପରି ହାସ୍ୟମୟୀ ବୋଲି କୁହାଯାଇଛି ? (1)

(a) ଗୋଲାପ

(b) ଶେଫାଳୀ

(c) ପଦ୍ମ

(d) ମନ୍ଦାର

**ix.** ଗଣତନ୍ତ୍ରରେ ଜନତାର ଶାସନ କିପରି ହେବା ସ୍ୱାଭାବିକ ? (1)

(a) ପରୋକ୍ଷ

(b) ପ୍ରତ୍ୟକ୍ଷ

(c) ସ୍ୱପ୍ନିଳ

(d) ଦୁଷ୍ପ୍ରାପ୍ୟ

**X.** ଉତ୍କଳର ଉତ୍ତମାଙ୍ଗ ବୋଲି ପ୍ରାବନ୍ଧିକ କାହାକୁ କହିଛନ୍ତି ? (1)

(a) ସମ୍ବଲପୁର

(b) କଟକ

(c) ଭୁବନେଶ୍ୱର

(d) ଗଞ୍ଜାମ

**2.** କବିତା ବିଭାଗରୁ ପ୍ରଶ୍ନ ଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ (ଯେ କୌଣସି ୭ଟିର)**7x1=7**

**i.** ଭଙ୍ଗାମାଠିଆରୁ ପାଣି ବୋହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ? **(1)**

(a) ବଳ

(b) ଆୟୁ

(c) ଧନ

(d) ଯୌବନ

**ii.** ତାପସଙ୍କ ଅଶାନ୍ତି-ନାଶକ ବୋଲି କାହାକୁ କୁହାଯାଇଛି ? (1)

(a) ରାମଚନ୍ଦ୍ର

(b) ରାବଣ

(c) ସୀତା

(d) ବାଲ୍ମୀକି

**iii.** ଯମଦୂତ ବୋଲି କବି କାହାକୁ କହିଛନ୍ତି ? (1)

(a) ଇଂରେଜ ଶାସକଙ୍କୁ

(b) ଗଡ଼ଜାତ ରାଜାଙ୍କୁ

(c) ଜେଲର ସିପାହୀଙ୍କୁ

(d) ସହବନ୍ଦୀଙ୍କୁ

**iv.** ପିଙ୍ଗଳା କେଉଁ ନଗରର ନଟୀ ଥିଲା ? (1)

(a) ଅବନ୍ତୀ

(b) ଉଜ୍ଜୟିନୀ

(c) ବିଦେହ

(d) କୋଶଳ

v. 'ନବବାମା' ବୋଲି କବି କାହାକୁ କହିଛନ୍ତି ? (1)

(a) ସୀତା

(b) ସୁନାର ସୀତା

(c) ନବବିବାହିତା ଦ୍ୱିତୀୟା ପତ୍ନୀ

(d) ରୁକ୍ମିଣୀ

vi. ପୁଣ୍ୟ ମର୍ତ୍ତ୍ୟ ଭୂମିରେ ପିଙ୍ଗଳା କ'ଣ ସାଜିଛି ବୋଲି କହିଛି ? (1)

(a) ପତିତା

(b) ନେତ୍ରୀ

(c) ସାମ୍ରାଜ୍ଞୀ

(d) ଗୃହିଣୀ

vii. ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ସର୍ବସ୍ୱ କ'ଣ ଥିଲା ? (1)

(a) ଧନସମ୍ପତ୍ତି

(b) ସୁନା

(c) ସୈନ୍ୟସାମନ୍ତ

(d) ଗନ୍ତାଘର

viii. ଗୋପବନ୍ଧୁ ଥିବା କାରାଗାରର ଅବରୋଧର ସମୟ କ'ଣ ଥିଲା ? (1)

(a) ସକାଳ

(b) ମଧ୍ୟାହ୍ନ

(c) ଗୋଧୂଳିକାଳ

(d) ରାତି

ix. କାଳକୁ କାହିଁକି କ୍ରୂର ବୋଲି କୁହାଯାଇଛି ? (1)

(a) ହଠାତ୍ ପହଂଚିଥାଏ

(b) କାହାକୁ ଛାଡେ ନାହିଁ

(c) ବହୁତ କଷ୍ଟ ଦେଇଥାଏ

(d) ଅନ୍ୟର ଦୁଃଖରେ ତା'ର ଆନନ୍ଦ

3. ଗଳ୍ପ ବିଭାଗରୁ ପ୍ରଶ୍ନ ଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେ କୌଣସି ୫ଟିର) 5x1=5

i. ଗଙ୍ଗାଲାଭ ବୋଇଲେ କ'ଣ ବୁଝ ? (1)

(a) ବ୍ରତ

(b) ପୁଣ୍ୟ

(c) ସ୍ନାନ

(d) ମୃତ୍ୟୁ

**ii.** **ରାୟବାହାଦୁର ଡ୍ରୟାର ଭିତରୁ କାହାର ଫଟୋଗ୍ରାଫ୍ କାଢ଼ିଥିଲେ ?** (1)

(a) ଅଜୟ

(b) ଅକ୍ଷୟ

(c) ବିଜୟ

(d) ଅରୁଣ

**iii.** **ବନାରସ୍‌ରେ କେଉଁ ମନ୍ଦିର ଅବସ୍ଥିତ ?** (1)

(a) ସୋମନାଥ

(b) କେଦାରନାଥ

(c) କାଶୀ ବିଶ୍ୱନାଥ

(d) ବଦ୍ରିନାଥ

**iv.** **ଧର୍ମଘଟ ବେଳେ ମାଷ୍ଟରଜୀଙ୍କ ଦରମା କେତେ ଥିଲା ?** (1)

(a) ପନ୍ଦର ଟଙ୍କା

(b) ତେର ଟଙ୍କା

(c) ଏଗାର ଟଙ୍କା

(d) ଦଶ ଟଙ୍କା

**v.** **ରାୟବାହାଦୁରଙ୍କ ପୁତ୍ରବଧୂର ନାମ କ'ଣ ଥିଲା ?** (1)

(a) ସୁପର୍ଣ୍ଣା

(b) ଅପର୍ଣ୍ଣା

(c) ସୁକନ୍ୟା

(d) ରତ୍ନପର୍ଣ୍ଣା

**vi.** **ମାଷ୍ଟରଜୀଙ୍କ ନାମ କ'ଣ ?** (1)

(a) ରୂପନାରାୟଣ ସାହା

(b) ରାମ ନାରାୟଣ ମିତ୍ର

(c) ହରି ନାରାୟଣ ମିଶ୍ର

(d) ପ୍ରଭୁ ନାରାୟଣ ଦାସ

**vii.** **ମହାଜନ ବାବୁ ବଳରାମ ବଳଙ୍କର ଘର ଓଡିଶାର କେଉଁ ଅଞ୍ଚଳରେ ?** (1)

(a) ବାଲେଶ୍ୱର

(b) କେନ୍ଦ୍ରାପଡା

(c) ଯାଜପୁର

(d) କେନ୍ଦୁଝର

**4.** **ଯଥାର୍ଥ ବିପରୀତାର୍ଥବୋଧକ ଶବ୍ଦଟି ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । (ଯେ କୌଣସି ୫ଟିର)** 5x1=5

**i.** **ଅନୁକୂଳ** (1)

(a) ଅବିକଳ
(b) ପ୍ରତିକୂଳ
(c) ଅଚଳ
(d) ଆଦିମୂଳ

**ii.** **ଆଦାନ** (1)

(a) ପ୍ରଦାନ
(b) ଅଭିଧାନ
(c) ସମାଧାନ
(d) ପ୍ରଧାନ

**iii.** **ଆଶୀର୍ବାଦ** (1)

(a) ନିର୍ବିବାଦ
(b) ଅଭିଶାପ
(c) ଶୁଭେଚ୍ଛା
(d) ପ୍ରେରଣା

**iv.** **ଧୈର୍ଯ୍ୟ** (1)

(a) ନିଧାର୍ଯ୍ୟ
(b) ଧାର୍ଯ୍ୟ
(c) ଅଧୈର୍ଯ୍ୟ
(d) ମୌର୍ଯ୍ୟ

**v.** **ପାପ** (1)

(a) ଧର୍ମ
(b) ସେବା
(c) ପୁଣ୍ୟ
(d) ପବିତ୍ର

**vi.** **ଦୋଷୀ** (1)

(a) ନିଷ୍ପାପ
(b) ସରସୀ
(c) ନିର୍ଦ୍ଦୋଷ
(d) ସରସ

**vii.** ପୁରସ୍କାର (1)

(a) ନିସ୍ତାର

(b) ତିରସ୍କାର

(c) ଅସାର

(d) ଅପାର

**5.** **ନିମ୍ନରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଭାବେ ଦିଆଯାଇଥିବା ଶବ୍ଦଗୁଡିକରୁ ଶୁଦ୍ଧ ପ୍ରୟୋଗର ଆଧାରରେ ପ୍ରଶ୍ନଗୁଡିକର ଉତ୍ତର ଲେଖ । (ଯେକୌଣସି ୫ଟିର)** **5x1=5**

**i.** (a) ଜଗନାଥ (1)

(b) ଜଗର୍ନ୍ନାଥ

(c) ଜଗନ୍ନାଥ

(d) ଜଗର୍ଣ୍ଣାଥ

**ii.** (a) ଗଣେଷ (1)

(b) ଗଣେସ

(c) ଗଣେଶ

(d) ଗଣଷ

**iii.** (a) କାଳନ୍ଦୀ (1)

(b) କାଳିନ୍ଦୀ

(c) କଳିନ୍ଦୀ

(d) କାଳିନ୍ଦି

**iv.** (a) ସମାସ୍ୟା (1)

(b) ଶମାଶ୍ୟା

(c) ସମସ୍ୟା

(d) ସମଶ୍ୟା

**v.** (a) କୌତୂହଳ (1)

(b) କୌତୁହଳ

(c) କୁତୁହଳ

(d) କୁତୂହଳ

**vi.** (a) ଜରାଜିର୍ନ (1)

(b) ଜରାଜିର୍ଣ୍ଣ

(c) ଜରାଜୀର୍ଣ୍ଣ

(d) ଜରାଜୀର୍ନ

**vii.** (a) ଜୋତିଷ (1)
(b) ଜ୍ୟୋତିଷ
(c) ଜୋତିସ
(d) ଜୋତିଶ

**6. ନିମ୍ନରେ ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ଯଥାର୍ଥ ଏକପଦଟି ବାଛି ଲେଖ (ଯେକୌଣସି ୫ଟିର)**
**5x1=5**

**i. ଦଶରଥଙ୍କର ପୁତ୍ର** (1)
(a) ଦାସରଥି
(b) ଦାଶରଥି
(c) ଦାସରଥୀ
(d) ଦାଶରଥ୍ୟ

**ii. ଦିତିଙ୍କର ପୁତ୍ର** (1)
(a) ଦ୍ୱିତୀ
(b) ଦ୍ରୌପଦୀ
(c) ଦୈତ୍ୟ
(d) ଦୁର୍ଜୟ

**iii. ମରଣ ପର୍ଯ୍ୟନ୍ତ** (1)
(a) ମୃତ୍ୟୁ
(b) ଆମରଣ
(c) ଆଗମନ
(d) ଆଚମନ

**iv. ନାହିଁ ଅପରାଧ ଯାହାର** (1)
(a) ନିରପରାଧୀ
(b) ନିରପରାଧି
(c) ନିରପରାଧ
(d) ଅପରାଧୀ

**v. ସତ୍ୟରେ ନିଷ୍ଠା ଯାହାର** (1)
(a) ସତ୍ୟନିଷ୍ଠା
(b) ନିଷ୍ପାପ
(c) ସତ୍ୟାସତ୍ୟ
(d) ସତ୍ୟନିଷ୍ଠ

**vi.** **ବନର ସଦୃଶ** (1)

(a) ବନାନୀ

(b) ଉପମାନ

(c) ଉପବନ

(d) ଅଭିମାନ

**vii.** **ବିଦେହର ରାଜକନ୍ୟା** (1)

(a) ବିଦେହୀ

(b) ବିଦୁ

(c) ବିଦ୍ୟୁହି

(d) ବୈଦେହୀ

**7.** **ନିମ୍ନରେ ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ସମୋଚ୍ଚାରିତ ଶବ୍ଦର ଯଥାର୍ଥ ଉତ୍ତର ବାଛି ଲେଖ । (ଯେକୌଣସି ୫ଟିର)** 5x1=5

**i.** **ପ୍ରଦାନ-ପ୍ରଧାନ** (1)

(a) ଦେବା-ଶ୍ରେଷ୍ଠ

(b) ଧାନ-ବଡ

(c) ବାଡି-ଫଳ

(d) ଫୁଲ-ଦାନ

**ii.** **ସର୍ଗ - ସ୍ୱର୍ଗ** (1)

(a) ଆକାଶ - ମାଟି

(b) ଜଳ-ବଣ

(c) ଅଧ୍ୟାୟ- ଦେବଲୋକ

(d) ମର୍ତ୍ତ୍ୟ - ଅଗ୍ନି

**iii.** **କୁଜନ - କୂଜନ** (1)

(a) ମନ୍ଦଲୋକ- ପକ୍ଷୀର କାକଳି

(b) ଅଧୀର-ଅଜ୍ଞାନ

(c) ଭୋଜନ-ରୋଦନ

(d) ନଦୀତଟ-ସୁନ୍ଦର

**iv.** **କୁଳ-କୂଳ** (1)

(a) ଜଳ-ପାତାଳ

(b) ବଂଶ-ନଦୀତଟ

(c) ପ୍ରଭୁ-ଗୁଣବାନ୍

(d) ଅନଳ-ଯାତ୍ରା

v. **ଜାଗ-ଯାଗ** (1)

(a) ଖଗ-ମାର୍ଗ

(b) ସୂର୍ଯ୍ୟ-ଆକାଶ

(c) ଜାଗ୍ରତ-ଯଜ୍ଞ

(d) ବେଗ-ବ୍ୟସ୍ତ

vi. **ସୁର-ଶୂର** (1)

(a) ବୀର-ପଶୁ

(b) ଦେବତା-ବୀର

(c) ମୁଣ୍ଡ-ସ୍ୱଭାବ

(d) ଝରଣା-ପୁତ୍ର

# Part-II

## SECTION - B

**8. ଅନୁଚ୍ଛେଦଟି ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (ଯେ କୌଣସି 5ଟିର) 5x2=10**

ଶିକ୍ଷାନୁଷ୍ଠାନ ବିଦ୍ୟା ଆରାଧନାର ପ୍ରକୃଷ୍ଟସ୍ଥଳ । ଏଠାରେ ବିଦ୍ୟା ଆହରଣ ସଙ୍ଗେ ସଙ୍ଗେ ବିଦ୍ୟା ଚର୍ଚ୍ଚା ମଧ୍ୟ କରାଯାଏ । ପାଠ୍ୟ ପୁସ୍ତକ ସହ ଏଠାରେ ନାନାଦି ଶିକ୍ଷା ଦିଆଯାଇଥାଏ । ଛାତ୍ରଛାତ୍ରୀମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ, ତଥା ଆତ୍ମିକ ବିକାଶ ଉପରେ ଧ୍ୟାନ ଦିଆଯାଏ । ଏହା ବ୍ୟତୀତ ନୈତିକ ଶିକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଏ । ସମାଜର ସବୁ ବର୍ଗର ପିଲା ସେଠାରେ ପାଠ ପଢିବାର ସୁଯୋଗ ପାଆନ୍ତି ଓ ଭବିଷ୍ୟତ ଗଢନ୍ତି । ପାରସ୍ପରିକ ସହଯୋଗ ଜରିଆରେ ବିଦ୍ୟାର୍ଥୀଗଣ ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ସମ୍ଭବ କରିପାରନ୍ତି । ଶିକ୍ଷାନୁଷ୍ଠାନ ଶିକ୍ଷାର ବିକଳ୍ପ ନାହିଁ । କାରଣ, ଏକ ସଙ୍ଗରେ ଏତେ ଗୁଡିଏ ସଦଗୁଣର ବିକାଶ ଆଉ କେଉଁଠାରେ ସମ୍ଭବ ନୁହେଁ । ଶିକ୍ଷା କେବଳ ପ୍ରମାଣ ପତ୍ର ହାସଲ କରିବା ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ । ସାମଗ୍ରିକ ବିକାଶ ଏହାର ମୌଳିକ ଲକ୍ଷ୍ୟ ହେବା ଉଚିତ୍ । ଶିକ୍ଷାନୁଷ୍ଠାନ ହିଁ ସମଗ୍ର ଦେଶର ଏକ କ୍ଷୁଦ୍ର ପ୍ରତିରୂପ । ଏହାକୁ ସାମାଜିକ ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଠାରେ ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା ନିରବଚ୍ଛିନ୍ନ ଭାବରେ ଚାଲିଥାଏ । ବିଦ୍ୟାର୍ଥୀକୁ ଉପଯୁକ୍ତ ଭାବରେ ଗଢି ତୋଳିବା ଭିତରେ ଦେଶର ଓ ଦଶର ମଙ୍ଗଳ କରିବା ନିମନ୍ତେ ତାକୁ ଉପଯୁକ୍ତ କରିଦିଆଯାଏ । ଏହି କାରଣରୁ ଭାରତର ବିଦ୍ୟାଳୟଶିକ୍ଷା ସମଗ୍ର ବିଶ୍ୱରେ ଆଦୃତ ହୋଇଛି । ଯୁଗେ ଯୁଗେ ଭାରତର ଶିକ୍ଷାନୁଷ୍ଠାନମାନ ସମସ୍ତଙ୍କୁ ଆକର୍ଷିତ କରିପାରିଛି ।

ପ୍ରଶ୍ନ a. - ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କର କେଉଁ ବିକାଶ ଉପରେ ଧ୍ୟାନ ଦିଆଯାଏ ?

b.- ଶିକ୍ଷାନୁଷ୍ଠାନରେ ଦିଆଯାଉଥିବା ଶିକ୍ଷାର ବିକଳ୍ପ ନାହିଁ କାହିଁକି ?

c.- ଶିକ୍ଷାର ଲକ୍ଷ୍ୟ କ'ଣ ହେବା ଉଚିତ୍ ?

d.- ଶିକ୍ଷାନୁଷ୍ଠାନରେ କ'ଣ ନିରବଚ୍ଛିନ୍ନ ଭାବେ ଚାଲିଥାଏ ?

e.- ଭାରତର ବିଦ୍ୟାଳୟ ଶିକ୍ଷା ସମଗ୍ର ବିଶ୍ୱରେ ଆଦୃତ ହୋଇଛି କାହିଁକି ?

f.- ବିଦ୍ୟାର୍ଥୀମାନେ କିପରି ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରନ୍ତି ?

g.- ଶିକ୍ଷାର ମୌଳିକ ଲକ୍ଷ୍ୟ କ'ଣ ହେବା ଉଚିତ୍ ?

## SECTION - C

**9. ଯେ କୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ ।** 1x6=6

(a) ନାରୀ ସଶକ୍ତିକରଣ

(b) ଗଣତନ୍ତ୍ର ଓ ଏହାର ସୁରକ୍ଷା

(c) ଛାତ୍ର ଓ ସମାଜସେବା

**10.** ତୁମ ଅଞ୍ଚଳ ବାତ୍ୟାଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି ସରକାରୀ ସାହାଯ୍ୟ ପହଞ୍ଚିପାରିନାହିଁ । ଏହି ଅସୁବିଧା ଦର୍ଶାଇ ଜିଲ୍ଲାପାଳଙ୍କୁ ଏକ ଦରଖାସ୍ତ ଲେଖ । 1x6=6

**କିମ୍ବା**

ତୁମର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ସମାଜ ମଙ୍ଗଳ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସ୍ଥାନୀୟ ସାଂସଦଙ୍କୁ ଏକ ଦରଖାସ୍ତ ଲେଖ ।

## SECTION - D

**11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)** 1x5=5

(a) ଘନ, ତୁ ଦେଖି ସ୍ତମ୍ଭିତ ହେବୁ ଯେ ଉତ୍କଳବାସୀ ଭାଗୀରଥୀ ତୀରରେ ବସି ପିପାସୀ ଓ ରତ୍ନସ୍ତୂପରେ ବସି ଉପବାସୀ ହୋଇଛି ।

(b) ଗଣଶିକ୍ଷା ଓ ଗଣ ଚେତନାର ଅଭାବ ଥିବା ଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡମ୍ବନା ମାତ୍ର ।

**12. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (ଯେ କୌଣସି ୨ଟିର)** 2x2=4

(a) ସୁ-ସନ୍ତାନ ଓ ସୁ-ପିତାର କାର୍ଯ୍ୟ କ'ଣ ?

(b) ପାଣ୍ଡୁ ମୁରୁକି ହସିଦେଇ ଗୋସେଇଁଙ୍କୁ କ'ଣ କହିଲା ?

(c) ଜଳଦ କ'ଣ ଶୁଣି ଓ କ'ଣ ଦେଖି ବନବାସୀମାନଙ୍କ ଗ୍ରାମର ସୀମା ଜାଣିପାରିବ ?

**13. ସପ୍ରସଙ୍ଗ ସରଳାର୍ଥ ଲେଖ । (ଗୋଟିକର)** 1x5=5

(a) ଧର୍ମ ଏକାସିନା ମହତ ପଣିଆ
ଆଉ ବଡ଼ପଣ ଅଢ଼େଇ ଦିନିଆ ।

(b) ବିଦାୟ ନେଉଚି ବିଦେହ ନଗର, ବିଦାୟ ନେଉଚି ଆଜି
ଭୁଲିଯାଅ ମତେ ଭୁଲିଯାଅ ମୋର ଘୃଣ୍ୟ କଳୁଷରାଜି ।

**14. ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (ଯେ କୌଣସି ୨ଟିର)** 2x2=4

(a) ଆଲେକ୍‌ଜାଣ୍ଡାରଙ୍କର ଶେଷ ଇଚ୍ଛା କ'ଣ ଥିଲା ?

(b) ତପସ୍ୱିନୀ ସୀତା କାହାକୁ ପତ୍ର ଲେଖିଥିଲେ ଓ କାହିଁକି ?

(c) "ଅଚିରେ ଫେରିବି ଧନି ! ନୁହଁ କାତର" – କିଏ କାହାକୁ କହିଛନ୍ତି ?

***